# Visit of Vice President to the UAE to convey condolences on passing away of HH Sheikh Khalifa bin Zayed Al Nahyan

May 14, 2022

## ମହାମହିମ ଶେଖ ଖଲିଫା ବିନ୍ ଜାଏଦ ଅଲ୍ ନାହୟାନଙ୍କ ବିୟୋଗରେ ଶୋକ ବ୍ୟକ୍ତ କରିବା ପାଇଁ ଉପରାଷ୍ଟ୍ରପତିଙ୍କ ୟୁଏଇ ଗସ୍ତ

**ମଇ 14, 2022**

ୟୁଏଇର ରାଷ୍ଟ୍ରପତି ତଥା ଆବୁଧାବିର ଶାସକ ମହାମହିମ ଶେଖ ଖଲିଫା ବିନ୍ ଜାଏଦ ଅଲ୍ ନାହୟାନଙ୍କ ଦୁଃଖଦ ବିୟୋଗରେ ଭାରତ ସରକାରଙ୍କ ତରଫରୁ ଶୋକ ବ୍ୟକ୍ତ କରିବା ପାଇଁ ଉପରାଷ୍ଟ୍ରପତି ଶ୍ରୀ ଏମ୍ ଭେଙ୍କୟା ନାଇଡୁ 15 ମଇ 2022 ରେ ୟୁଏଇ ଗସ୍ତରେ ଯିବେ|

ୟୁଏଇର ପୂର୍ବତନ ରାଷ୍ଟ୍ରପତି ତଥା ଆବୁଧାବିର ଶାସକ ମହାମହିମ ଶେଖ ଖଲିଫା ବିନ୍ ଜାଏଦ ଅଲ୍ ନାହୟାନଙ୍କର 13 ମଇ 2022 ରେ ଦେହାନ୍ତ ହୋଇଛି। ଭାରତର ରାଷ୍ଟ୍ରପତି ଶ୍ରୀ ରାମ ନାଥ କୋବିନ୍ଦ ଏବଂ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ମହାମହିମ ଶେଖ ଖଲିଫା ବିନ୍ ଜାଏଦ ଅଲ୍ ନାହୟାନଙ୍କ ଦେହାନ୍ତରେ ଶୋକ ବ୍ୟକ୍ତ କରିଛନ୍ତି। ଭାରତର ଶୋକ ପ୍ରକାଶ କରିବା ପାଇଁ ବୈଦେଶିକ ବ୍ୟାପାର ମନ୍ତ୍ରୀ ଡକ୍ଟର ଏସ୍ ଜୟଶଙ୍କର 14 ମଇ 2022 ରେ ନୂଆଦିଲ୍ଲୀରେ ଥିବା ୟୁଏଇ ଦୂତାବାସ ଯାଇଥିଲେ। ଆଜି 14 ମଇ 2022 ରେ ଭାରତ ରାଷ୍ଟ୍ରୀୟ ଶୋକ ଦିବସ ପାଳନ କରୁଛି।

ମହାମହିମ ଶେଖ ଖଲିଫା ବିନ୍ ଜାଏଦ ଅଲ୍ ନାହୟାନଙ୍କ ନେତୃତ୍ୱରେ ଭାରତ-ୟୁଏଇ ସମ୍ପର୍କରେ ଦୁଇ ଦେଶର ଲୋକଙ୍କ ପାରସ୍ପରିକ ଲାଭ ପାଇଁ ବହୁତ ଉନ୍ନତି ଆସିଥିଲା। ସେ ୟୁଏଇରରେ ବିଶାଳ ଭାରତୀୟ ସମୁଦାୟର ବିଶେଷ ଯତ୍ନ ନେଇଥିଲେ| ଭାରତୀୟ ସମୁଦାୟ ମଧ୍ୟ ତାଙ୍କୁ ଉଚ୍ଚ ସମ୍ମାନ ଦେଉଥିଲେ|

ନୂତନ ଓ ବିବିଧ କ୍ଷେତ୍ରରେ ଦୁଇ ଦେଶ ସେମାନଙ୍କର ଐତିହାସିକ ତଥା ବ୍ୟାପକ ରଣନୀତିକ ସମ୍ପର୍କକୁ ଆଗକୁ ବଢାଇବେ।

**ନୂଆଦିଲ୍ଲୀ**

**ମଇ 14, 2022**

DISCLAIMER: This is an approximate translation. The original is available in English on MEA's website and may be referred to as the official press release.